# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**22 MAY– 2026**

## ମୁଖ୍ୟମନ୍ତ୍ରୀ-୮ସୂତ୍ରୀ

ପଶ୍ଚିମ ଏସିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗ ଗୁଡ଼ିକରେ ଡିଜେଲ ଓ ପେଟ୍ରୋଲ୍‌ର ବ୍ୟବହାର ହ୍ରାସ କରିବା ପାଇଁ ୮ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହା ଅନୁସାରେ ସରକାରୀ ସ୍ତରର ବିଭିନ୍ନ ବୈଠକ, ପ୍ରଶିକ୍ଷଣ, କର୍ମଶାଳା ଆଦି ଆବଶ୍ୟକ ନଥିଲେ ଆଭାସୀ ମାଧ୍ୟମରେ କରାଯିବ । ଆସନ୍ତା ପହିଲାରୁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ନୂତନ ବୈଦ୍ୟୁତିକ ଯାନ କ୍ରୟ କରାଯିବ । ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ଯାନ ପାଇଥିବା ବରିଷ୍ଠ ଅଧିକାରୀ ନିଜ ନିଜ ମଧ୍ୟରେ କାର୍ ପୁଲିଂ କରିବେ । ଦୂର ସ୍ଥାନକୁ ପରିଦର୍ଶନ ସମୟରେ ବସ୍ କିମ୍ବା ରେଳରେ ଯାତ୍ରା କରିବା, ସରକାରୀ ଯାନର ଚଳପ୍ରଚଳ ବାବଦକୁ ମାସିକ ପେଟ୍ରୋଲ୍ ଓ ଡିଜେଲ୍ ପରିମାଣ ଅତିକମ୍‌ରେ ୧୦ ପ୍ରତିଶତ ହ୍ରାସ ଭଳି ନିର୍ଦ୍ଦେଶାବଳୀ ଜାରି କରାଯାଇଛି ।

## କର୍ମଚାରୀ ଛଟେଇ

ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବେଆଇନଭାବେ ନିଯୁକ୍ତ କର୍ମଚାରୀଙ୍କୁ ଛଟେଇ କରାଯିବ । ସେମାନଙ୍କ ନିୟମିତକରଣ ଦାବିକୁ ବିଚାର କରାଯିବ ନାହିଁ । ଏ ନେଇ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦେଇଛନ୍ତି । ଚିଠିରେ ଉଲ୍ଲେଖ ରହିଛି କେତେକ

ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ପୂର୍ବ ଅନୁମୋଦନ ବିନା ନିଯୁକ୍ତି କରାଯାଇଛି । ସେହି କର୍ମଚାରୀମାନେ ନିୟମିତକରଣ ପାଇଁ ଦାବି କରିବା ସହ ଏ ନେଇ ବିଭିନ୍ନ ମାମଲା କୋର୍ଟରେ ଚାଲିଛି । ଏହା ଦ୍ୱାରା ସରକାର ଓ ବିଶ୍ୱବିଦ୍ୟାଳୟ ଉପରେ ଆର୍ଥିକ ଭାର ବୃଦ୍ଧି ପାଉଛି ବୋଲି ଚିଠିରେ ଉଲ୍ଲେଖ ରହିଛି ।

## ବରପୁତ୍ର ଐତିହ୍ୟ ଗ୍ରାମ- ଉଚ୍ଚ ଶିକ୍ଷାମନ୍ତ୍ରୀ

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ାର ଡକ୍ଟର ହରେକୃଷ୍ଣ ମହତାବଙ୍କ ଜନ୍ମସ୍ଥାନକୁ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଲି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ରାଜ୍ୟ ସରକାରଙ୍କ ବରପୁତ୍ର ଐତିହ୍ୟ ଗ୍ରାମ ସର୍ବାଙ୍ଗୀନ ବିକାଶ ଯୋଜନା ମାଧ୍ୟମରେ ଆଗରପଡ଼ା ଅଞ୍ଚଳର ବିକାଶ ପାଇଁ ୧୫ କୋଟି ଟଙ୍କା ଅନୁଦାନ ମଂଜୁର କରାଯାଇଛି । ଖୁବ୍‌ଶୀଘ୍ର ଏହି ଅଞ୍ଚଳରେ ସ୍ମୃତି ସଂଗ୍ରହାଳୟ, ଆଧୁନିକ ଗ୍ରନ୍ଥାଗାରର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ମାଟ୍ରିକ୍ ସପ୍ଲିମେଣ୍ଟାରୀ

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ପାଇଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଦେୟ ଛାଡ଼ କରାଯାଇଛି । ଏହି ବର୍ଗର ଛାତ୍ରଛାତ୍ରୀମାନେ ପୂର୍ବରୁ ଫର୍ମ ପୂରଣ କରିଥିଲେ ସେମାନେ ଦାଖଲ କରିଥିବା ଦେୟ ଫେରସ୍ତ କରାଯିବ ବୋଲି ବୋର୍ଡ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

## ହାଇକୋର୍ଟ ଗ୍ରୀଷ୍ମ ଅବକାଶ

ଓଡ଼ିଶା ହାଇକୋର୍ଟ ଜୁନ୍ ମାସ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଅବକାଶ ରହିବ । ତେବେ ଏହି ସମୟରେ କେତେକ ନିର୍ଦ୍ଦିଷ୍ଟ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ବୈଠକ

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଯୋଜନା ଓ ସମୀକ୍ଷା କମିଟିର ବୈଠକ ଜିଲ୍ଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୫ବର୍ଷର ଯୋଜନା ଉପରେ ଏଥିରେ ଆଲୋଚନା ହୋଇଥିଲା । ଚଳିତ ଆର୍ଥିକ ବର୍ଷରେ ମୋଟ୍ ୩୧ଟି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି ।

## ପେନସନ ଅଦାଲତ

ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବକେୟା ପେନ୍‌ସନ୍ ଓ ଭବିଷ୍ୟନିଧି ସମସ୍ୟାର ତ୍ୱରିତ ସମାଧାନ ପାଇଁ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ଦୁଇଦିନିଆ ଆନ୍ତଃଜିଲ୍ଲା ପେନସନ୍ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୯ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଜିଲ୍ଲାପାଳ ପେନସନ ମଂଜୁର ଆଦେଶ ପ୍ରଦାନ କରିଥିଲେ ।

# ମହିଳା ସଶକ୍ତିକରଣ

ନୂଆପଡ଼ା ଜିଲ୍ଲା ମହିଳା ସଶକ୍ତିକରଣ କ୍ଷେତ୍ରରେ ସଫଳତା ହାସଲ କରିଛି । ଚଳିତ ଆର୍ଥିକ ବର୍ଷରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ବ୍ୟାଙ୍କ ଲିଙ୍କେଜ୍ କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲାରେ ୫ ହଜାର ୪୪୦ ଜଣ ଏସ୍ଏସ୍‌ଜିଙ୍କୁ ବ୍ୟାଙ୍କ ଲିଙ୍କେଜ୍ ଦେବା ଲକ୍ଷ୍ୟ ରହିଥିବା ବେଳେ ଏପର୍ଯ୍ୟନ୍ତ ୧୧୩ ପ୍ରତିଶତ ସଫଳତା ହାସଲ ହୋଇଥିବା ଜଣାପଡ଼ିଛି ।

---

# ଯଶୋଦା ଯୋଜନା

ସୁବର୍ଣ୍ଣପୁର ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଯଶୋଦା ଯୋଜନା ହିତାଧିକାରୀଙ୍କୁ ପରାମର୍ଶ ଶିବିର ଓ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରାମର୍ଶ ଶିବିରରେ ଯଶୋଦା ଯୋଜନାର ସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା ।

---

# ଜୈବ ବିବିଧତା ଦିବସ

ପ୍ରାକୃତିକ ବିପର୍ଯ୍ୟୟ, ଦ୍ରୁତ ଶିଳ୍ପାୟନ, ସହରୀକରଣ, ଖଣିଖନନ, ବନାଗ୍ନି ଯୋଗୁଁ ହେଉଥିବା ପ୍ରକୃତିର ବିନାଶ ଏବଂ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱରେ ଆଜି ଜୈବ ବିବିଧତା ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବୈଶ୍ୱିକ ପରିବର୍ତ୍ତନ ପାଇଁ ସ୍ଥାନୀୟ ଉଦ୍ୟମ' । ମିଳିତ ଜାତିସଂଘ

ପକ୍ଷରୁ ୨୦୦୬ମସିହାରୁ ଆଜିର ଦିନକୁ ଆନ୍ତର୍ଜାତିୟ ଜୈବ ବିବିଧତା ଦିବସଭାବେ ପାଳନ କରାଯାଉଛି। ଜୀବଜଗତକୁ ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ, ଏହାର ସଂରକ୍ଷଣ ଏବଂ ଅଗ୍ରାଧିକାର ଭିତ୍ତିରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ ।

# ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାରେ ଆଜି ଓ ଆସନ୍ତାକାଲି ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପାଣିପାଗ ଅନୁଯାୟୀ ପରବର୍ତ୍ତୀ ସମୟରେ କେନ୍ଦ୍ରଗୁଡ଼ିକ ଖୋଲିବା ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ପରିବର୍ତ୍ତନ ହେବ ନାହିଁ । ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ୨୪ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ ହୋଇଥିଲା । ଝାରସୁଗୁଡ଼ାଠାରେ ସର୍ବାଧିକ ତାପମାତ୍ରା ୪୫ ଦଶମିକ ୫ ଡିଗ୍ରୀ ରହିଥିଲା ।